## ସଂକ୍ଷେପରେ

### ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର

ତାଳଚେର,୨୯।୫(ନି.ପ୍ର.)- ତାଳଚେର ଗସ୍ତରେ ଆସିଥିବା ରେଲ୍‌ୱେ ବୋର୍ଡର ଅଧ୍ୟକ୍ଷ ବିନୟ୍ କୁମାର ତ୍ରିପାଠୀଙ୍କୁ ତାଳଚେର ଷ୍ଟେଶନ ଠାରେ ତାଳଚେର ପରିବେଶ ସୁରକ୍ଷା ସମିତି ତରଫରୁ ଏକ ଦାବିପତ୍ର ଦିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଫାଷ୍ଟ ପାସେଞ୍ଜର ଚାଲୁ କରିବା, ତାଳଚେର ଷ୍ଟେଶନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସିବା, ଲୁପ୍ ଲାଇନ୍ କାର୍ଯ୍ୟ ଶୀଘ୍ର ଶେଷ କରାଯିବା, କୋଇଲା ବୋଝେଇ ଗାଡ଼ି ଗୁଡିକରେ ପାଲ ଭିଡାଯିବା, ତାଳଚେର ଷ୍ଟେଶନ୍‌କୁ ମଡେଲ୍ ଷ୍ଟେଶନରେ ପରିଣତ କରାଯିବା, ତାଳଚେରରୁ କଣିହାଁ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ଆଦି ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ସମିତିସଭ୍ୟ ବିନୋଦ ଲାଲ୍, ନିଲମ୍ ଲାଲ୍, ବିଜୟ୍ କୁମାର ପ୍ରଧାନ, ଅଶୋକ ଶତପଥୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ହାଣ୍ଡିଧୁଆ ଓ ଶର୍ମାଛକ ବ୍ୟବସାୟୀ ସଂଘ ତରଫରୁ ରେଲେୱେ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶାଖାପଟନମ୍-ଅମୃତସର ସୁପର ଫାଷ୍ଟ ଏକ୍ସପ୍ରେସ୍‌କୁ ସପ୍ତାହରେ ୩ ଦିନ ବଦଳରେ ଦୈନନ୍ଦିନ କରିବା, ପୁରୀ-ସମ୍ବଲପୁର ଓ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ତାଳଚେର ରୋଡ୍ ବଦଳରେ ତାଳଚେର ଷ୍ଟେଶନ୍ ଦେଇ ଚଳାଚଳ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ୟବସାୟୀ ସଂଘ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଦୁର୍ଗାଚରଣ ସାହୁ ଓ କୋଷାଧ୍ୟକ୍ଷ ଅଶୋକଲାଲ୍ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୨୯।୫(ଡି.ଏନ.ଏ.): କିଶୋରନଗର ବ୍ଲକ ଜାମୁନାଳି ହାଇସ୍କୁଲର ଶିକ୍ଷକ ଲିଙ୍ଗରାଜ ପ୍ରଧାନ (୫୦)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ସେ ସନ୍ଧ୍ୟା ବେଳେ ଅନୁଗୋଳସ୍ଥିତ ଭଡାଘରେ ଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ବଇଣ୍ଡା ଅଞ୍ଚଳବାସୀ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳାଇଦେଇଛି। ଜାମୁନାଳି ସରପଞ୍ଚ ରୀତା ବେହେରା, ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ପୂର୍ବତନ ସରପଞ୍ଚ ସ୍ୱୟଂବର ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଶୋକ ପ୍ରକାଶ କରିଛନ୍ତି।

### ପକେଟରୁ ମୋବାଇଲ ଚୋରି

ଅନୁଗୋଳ ଅଫିସ,୨୯।୫: ପରିବା କିଣିବା ବେଳେ ଶାର୍ଟ ପକେଟରୁ ହୋଇଯାଉଛି ମୋବାଇଲ ଚୋରି। ରବିବାର ଅନୁଗୋଳ ସହରରେ ଏପରି ଏକ ଘଟଣା ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ, ଡେଲି ମାର୍କେଟରେ ଜଣେ ବ୍ୟକ୍ତି ପରିବା କିଣୁଥିବାବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଆସି ତାଙ୍କ ନିକଟରେ ଠିଆ ହେଉଛନ୍ତି। ଏହାପରେ ସମ୍ପୃକ୍ତ ଗ୍ରାହକଙ୍କ ଶାର୍ଟ ପକେଟରୁ ସନ୍ଦିଗ୍ଧ ଜଣକ ଅତି ଚତୁରତାର ସହ ମୋବାଇଲ ଚୋରି କରି ଫେରାର ହୋଇଯାଉଛନ୍ତି। ଗ୍ରାହକ ଜଣକ ମୋବାଇଲ ଚୋରି ହୋଇଛି ବୋଲି ଜାଣିବା ବେଳକୁ ସମ୍ପୃକ୍ତ ସନ୍ଦିଗ୍ଧ ସେଠାରେ ନ ଥିବା ଦେଖିବାକୁ ମିଳୁଛି।



# ଅଚଳାବସ୍ଥାରେ ଆମ ପୋଲିସ ସମିତି

- ୨ ବର୍ଷ ହେଲା ବସିନି ବୈଠକ
- ୭ ବିଟ୍‌ରେ ନାହାନ୍ତି ଅଧିକାରୀ
- ଅପରାଧ ବଢୁଥିବାରୁ ଅସନ୍ତୋଷ



ବଅଁରପାଳ,୨୯।୫(ଡି.ଏନ.ଏ.)

ଜନସାଧାରଣ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଅପରାଧ ହ୍ରାସ କରିବା ଉଦ୍ଦେଶ୍ୟରେ ୨୦୧୩ ମସିହାରେ ସରକାରଙ୍କ ପକ୍ଷରୁ ଆମ ପୋଲିସ ସମିତି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହା ପ୍ରଥମେ ଅନୁଗୋଳ ଜିଲା ନାଲ୍‌କୋ ଥାନାରେ କାର୍ଯ୍ୟକ୍ଷମ ହୋଇଥିଲା। ଏହାର ସୁଫଳ ମଧ୍ୟ ସେହି ସମୟରେ ପରିଲକ୍ଷିତ ହୋଇଥିଲା। ହେଲେ ୨ ବର୍ଷ ହେଲା ଏହି ବ୍ୟବସ୍ଥା ଥାନାରେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏହି ସମୟ ମଧ୍ୟରେ ସମିତିର ଗୋଟିଏ ହେଲେ ବି ବୈଠକ ବସିନାହିଁ। ଫଳରେ ଥାନା ଅଞ୍ଚଳରେ ଅପରାଧ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ନାଲ୍‌କୋ ଥାନାରେ ଏହି ବ୍ୟବସ୍ଥା ଲାଗୁ ପରେ ନାଲ୍‌କୋ କଲୋନୀ, କୁଲାଡ଼, ଗିରାଙ୍ଗ, କୁରୁଡୁଲୁ, କାଣ୍ତସର, ବଳରାମପ୍ରସାଦ, କନ୍ୟାବେଡ଼ା ଓ ମୁଣ୍ଡାହଟିଂ ଅଞ୍ଚଳରେ ୭ଟି ବିଟ୍ ଗଠନ କରାଯାଇଥିଲା। ପ୍ରତ୍ୟେକ ବିଟ୍‌ରେ ଜଣେ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତି ମାସରେ ବିଟ୍ ସଦସ୍ୟ ଓ ପୋଲିସ ମଧ୍ୟରେ ବୈଠକ ବସୁଥିଲା। ବିଟ୍ ଅଧିକାରୀମାନେ ଗାଁ ଗାଁ ବୁଲି ଲୋକଙ୍କ ସହ ସମ୍ପର୍କ ଦୃଢ଼ କରୁଥିଲେ। ପୋଲିସ ପ୍ରତି ଲୋକଙ୍କ ମନରେ ଯେପରି ଭୟ ନ ରହିବ ସେ ଦିଗରେ ପଦକ୍ଷେପ ନେଉଥିଲେ। ମାତ୍ର ୨ ବର୍ଷ ହେଲା ତାହା ଦେଖିବାକୁ ମିଳୁନାହିଁ। ସମିତିର ବୈଠକ ବସୁନାହିଁ। ୭ଟି ବିଟ୍‌ରେ କୌଣସି ଅଧିକାରୀ ନାହାନ୍ତି। ବିଟ୍ ଅଞ୍ଚଳରେ ପାଟ୍ରୋଲିଂ ପାଇଁ ଯୋଗାଇ ଦିଆଯାଇଥିବା ବାଇକ୍ ମଧ୍ୟ ଆଉ ନାହିଁ। ଉକ୍ତ ବାଇକ୍‌ଗୁଡିକ ପୋଲିସର ଅନ୍ୟ ବିଭାଗକୁ ପ୍ରଦାନ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ତେଣୁ ଅଞ୍ଚଳରେ ଏହି ଯୋଜନା ନିଷ୍କ୍ରିୟ ହୋଇପଡିଛି। ଏହି କାରଣରୁ ଚୋରି, ରାହାଜାନି, ଡ୍ରଗ୍ସ କାରବାର ଭଳି ଅପରାଧ ବୃଦ୍ଧିପାଉଛି। ସେହିପରି ବର୍ତ୍ତମାନ ଥାନାରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ୩ ଜଣ ଏସ୍‌ଆଇ ଓ ୩ ଏଏସ୍‌ଆଇଙ୍କ ସ୍ଥାନରେ ୨ ଜଣ ଲେଖାଏ କାର୍ଯ୍ୟ କରୁଛନ୍ତି। ୨୦ କନଷ୍ଟେବଳଙ୍କ ଆବଶ୍ୟକତା ଥିବାବେଳେ ୭ ଜଣ ମହିଳା ଓ ୪ ଜଣ ପୁରୁଷ କନଷ୍ଟେବଳ ଡ୍ୟୁଟି କରୁଛନ୍ତି। ତୁରନ୍ତ ଆମ ପୋଲିସ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନାଲ୍‌କୋ ଥାନା ଅଧିକାରୀ ବିନ୍ଦୁବାସିନୀ ବିଶ୍ୱାଳ କହିଛନ୍ତି, କରୋନା ପାଇଁ ବୈଠକ ହୋଇପାରୁ ନ ଥିଲା। ଖୁବ୍‌ଶୀଘ୍ର ପ୍ରତ୍ୟେକ ଗ୍ରାମରେ ଆମ ପୋଲିସର ବୈଠକ ଅନୁଷ୍ଠିତ ହେବ। ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ ଉଦ୍ୟମ ଜାରି ରହିବ।

#### କାର୍ଯ୍ୟକାରୀ ହେବା ଦରକାର



“ଦୀର୍ଘଦିନ ହେଲା ନିଷ୍କ୍ରିୟ ହୋଇପଡିଥିବା ଆମ ପୋଲିସ ସମିତି କାର୍ଯ୍ୟକ୍ଷମ ହେବାର ଆବଶ୍ୟକତା ରହିଛି। ସମିତି ବୈଠକ ବସୁ ନ ଥିବାରୁ ଆମକୁ ଡକାଯାଉ ନାହିଁ। ଏହା କାର୍ଯ୍ୟକାରୀ ହେଲେ ଅପରାଧ ହ୍ରାସ ପାଇବ।

-ରାଜୀବ ଜେନା, ସଦସ୍ୟ, ଆମ ପୋଲିସ ସମିତି

#### ପୋଲିସ ସହ ସୁସମ୍ପର୍କ ରହୁନି



“ପୂର୍ବରୁ ଆମ ପୋଲିସ ସମିତି ବୈଠକ ନିୟମିତ ବସୁଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଗଢିଉଠୁଥିଲା। ଗାଁ ଗାଁରେ ହେଉଥିବା ଉକ୍ତ ବୈଠକ ଦୀର୍ଘଦିନ ହେଲା ବନ୍ଦ ହୋଇଯାଇଛି। ତେଣୁ ପୋଲିସ ସହ ସୁ ସମ୍ପର୍କ ରହୁନି।

-କାଳୀଚରଣ କର, ସଦସ୍ୟ, ଆମ ପୋଲିସ ସମିତି

#### ଅପରାଧ ବଢ଼ିଚାଲିଛି



“ନାଲ୍‌କୋ ଅଞ୍ଚଳରେ ପୂର୍ବରୁ ଆମ ପୋଲିସ ସମିତି ଯୋଜନା ଠିକ୍‌ଠାକ୍ ଥିଲା। ଗାଁ ରାସ୍ତାରେ ପାଟ୍ରୋଲିଂ ହେଉଥିବାରୁ ଅନେକାଂଶରେ ଅପରାଧ କମିଯାଇଥିଲା। ହେଲେ ୨ ବର୍ଷ ହେଲା ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ନ ଥିବାରୁ ଅପରାଧ ବଢିଛି।

-ମାଙ୍ଗିଲାଲ ସାମଲ, ଶ୍ରମିକ ନେତା, ନାଲ୍‌କୋନଗର

#### ଯୋଜନାର ସମୀକ୍ଷା କରାଯିବ



“ଆମ ପୋଲିସ ଯୋଜନାର ସମୀକ୍ଷା କରାଯାଇ ତାହାକୁ କାର୍ଯ୍ୟକାରୀ କରାଯିବ। ଏହା କିପରି ନାଲ୍‌କୋ ଅଞ୍ଚଳରେ ପୂର୍ବଭଳି ସଫଳତାର ରୂପ ନେଇପାରିବ ସେ ଦିଗରେ ଜିଲା ପୋଲିସ ପକ୍ଷରୁ ଉଦ୍ୟମ କରାଯିବ।

-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ

# ଅନୁଗୋଳ କ୍ରିକେଟର ଅଗ୍ରଗତି ହେଉଛି

ଅନୁଗୋଳ ଅଫିସ,୨୯।୫

#### ଜିଲା କ୍ରିକେଟ ସଂଘର ସାଧାରଣ ବୈଠକ

ଅନୁଗୋଳ ଜିଲା କ୍ରିକେଟ ସଂଘର ପ୍ରଥମ ବାର୍ଷିକ ସାଧାରଣ ବୈଠକ କଦମ ପଡିଆସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରି ଜିଲାରେ କ୍ରିକେଟର ଅଗ୍ରଗତି ସମ୍ପର୍କରେ ସମସ୍ତ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ, ଅନୁଗୋଳ ଜିଲାରୁ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ବାହାରୁଥିବାରୁ ଆଗାମୀ ଦିନରେ ଏହା ଜିଲା ପାଇଁ ଶୁଭଙ୍କର ହେବ। ସଂଘର ୨୫ ବର୍ଷ ପୂର୍ତ୍ତି ଅବସରରେ ଜିଲାର ସମସ୍ତ କ୍ରିକେଟ ଖେଳାଳି ଓ ଜନସାଧାରଣଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେବା ସହିତ ଏହି ଉତ୍ସବକୁ ପାଳନ କରିବା ପାଇଁ ସଭାପତି ଆଲୋଚନା କରିଥିଲେ। ପରେ ସଂଘ ସମ୍ପାଦକ ସାଗରନାଥ ମିଶ୍ର ବାର୍ଷିକ ତଥ୍ୟ ଉପସ୍ଥାପନ କରିବା ସହିତ ଆସନ୍ତା ବର୍ଷ ପାଇଁ ସଂଘର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ ବାର୍ଷିକ ଆୟ ଓ ବ୍ୟୟର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଅନୁଗୋଳ ଜିଲା କ୍ରିକେଟ ସଂଘର ବରିଷ୍ଠ କର୍ମକର୍ତ୍ତା ତଥା ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳି ବଳଭଦ୍ର ପଟ୍ଟନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ସଭାପତି ଓ ଅନ୍ୟମାନେ।

# ସମାଜର ନୀତି ନିୟମ ମାନିବାକୁ ପରାମର୍ଶ

ବଇଣ୍ଡା,୨୯।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ସୋଲଣ୍ଡା ଗ୍ରାମରେ ରବିବାର କନ୍ଧ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନ ଯୋଗଦେଇ କନ୍ଧ ସମାଜର ସଂସ୍କୃତିକୁ ବଞ୍ଚାଇ ରଖିବା ସହ ସମାଜର ନୀତି ନିୟମକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀବସ୍ତ ଦେହୁରୀ, ନରେନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ଦିଆଣୀ, ବିଶିକେଶନ ନାୟକ, ଶିବରାମ ବେହେରା, ଅର୍ଜୁନ ସାହୁ, ନରେଶ ଚନ୍ଦ୍ର ଦେହୁରୀ, ବାବାଜୀ ବେହେରାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।



ବୈଠକରେ ଅତିଥିଙ୍କ ସହ ସଦସ୍ୟମାନେ।

## ମନ୍ଦିର ନିର୍ମାଣ ତଦାରଖ

କଣିହାଁ,୨୯।୫(ଡି.ଏନ.ଏ)

କଣିହାଁ ବ୍ଲକ ସମଲଠାରେ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ଉନ୍ନତୀକରଣ ସହିତ ଅନ୍ୟାନ୍ୟ କାର୍ଯ୍ୟକୁ ନେଇ ରବିବାର ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଥିଲେ। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ କହିଛନ୍ତି, ତାଳଚେର ବିଧାୟକ ମନ୍ଦିର ସହିତ ସେବା ସ୍ଥଳ ପାଇଁ ୪ ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ। ଏହି ଅନୁଦାନରେ ହେଉଥିବା କାର୍ଯ୍ୟର ତଦାରଖ କରାଯାଇଛି। ଆଗାମୀଦିନରେ ଏଠାରେ ଶିବ ଓ ଗଣେଶ ମନ୍ଦିର ନିର୍ମାଣ ସହିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ ସହଯୋଗ କରିବେ। ବହୁ ଭକ୍ତ ମନ୍ଦିର ନିର୍ମାଣ ପାଇଁ ଅର୍ଥ ଦାନ କରିଛନ୍ତି।

# ବାହାର ରାଜ୍ୟକୁ ପରିବହନ ନେଇ ଆଲୋଚନା

ବଇଣ୍ଡା,୨୯।୫(ଡି.ଏନ.ଏ.)

#### ପଞ୍ଚଧାରା ଟ୍ରକ୍ ମାଲିକ ସଂଘ ବୈଠକ

କିଶୋରନଗର ବ୍ଲକ ବାମୁର ପଞ୍ଚଧାରା ଟ୍ରକ୍ ମାଲିକ ସଂଘର ଏକ ବୈଠକ ବାମୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜ୍ଞାନଜିତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରଣଜିତ ପଟ୍ଟନାୟକ, ସମୀର ପ୍ରଧାନ, କୃପାସିନ୍ଧୁ ବିଶ୍ୱାଳ, ଜୟକୃଷ୍ଣ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଅରୁଣ ପ୍ରଧାନ, ସୁଜିତ ନନ୍ଦ, ଦୁର୍ଯ୍ୟୋଧନ ପ୍ରଧାନ, ଶରତ ସାହୁ, ମୁରଲୀ ସାହୁଙ୍କ ସମେତ ବହୁ ଟ୍ରକ୍ ମାଲିକ ଯୋଗଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘରେ ଥିବା ସମସ୍ତ ଟ୍ରକ୍‌ରେ କିଭଳି କେନ୍ଦୁପତ୍ର, ମହୁଲ, କାଠ ଆଦି ବାହାର ରାଜ୍ୟକୁ ପରିବହନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଉଚିତ ଦରରେ ମାଲ ପରିବହନ ପାଇଁ ପଦକ୍ଷେପ ନେବାକୁ ମାଲିକମାନଙ୍କୁ ପରାମର୍ଶ ଦିଆଯାଇଥିଲା।




ବୈଠକରେ ଉପସ୍ଥିତ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

# ଅନ୍ତେବାସୀଙ୍କ ସମସ୍ୟା ବୁଝିଲେ

ବଇଣ୍ଡା,୨୯।୫(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ ରବିବାର ଆଠମଲ୍ଲିକ ଉପକାରାଗାର ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କ ସମସ୍ୟା ବୁଝିଛନ୍ତି। ବ୍ଲକ ଅଧ୍ୟକ୍ଷ କାରାଗାର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ସେମାନଙ୍କୁ ମିଳୁଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଜେଲର ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଅନ୍ତେବାସୀଙ୍କ ସୁବିଧା ପାଇଁ ଦୁଇଟି କୁଲର, ଗୋଟିଏ କ୍ୟାରମ ବୋର୍ଡ ଯୋଗାଇ ଦେବା ପାଇଁ ବ୍ଲକ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷଙ୍କ କାରାଗାର ପରିଦର୍ଶନ ସମୟରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର କେରକେଟା, ସମିତି ସଭ୍ୟ ସମୀର ପଣ୍ଡା, ଦୁଃଖିଶ୍ୟାମ ରାଉଳ, ଅଜିତ କୁମାର ଆଚାର୍ଯ୍ୟ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଉଛି।

# ସମବାୟ ନିର୍ବାଚନ ପ୍ରସ୍ତୁତି ବୈଠକ

କଣିହାଁ,୨୯।୫(ଡି.ଏନ.ଏ)

କଣିହାଁ ବ୍ଲକ ବାଲିପଶି ସେବା ସମବାୟ ସମିତି ନିର୍ବାଚନ ପାଇଁ ରବିବାର ଭାଜପା ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରୁ ମୁଖ୍ୟ କାର୍ଯ୍ୟକର୍ତ୍ତାମାନେ ଏଥିରେ ଯୋଗଦେଇଥିଲେ। ୮ନଂ. ଜୋନର ବରିଷ୍ଠ କାର୍ଯ୍ୟକର୍ତ୍ତା ନୃସିଂହ ବରାଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ଆଇନଜୀବୀ ତ୍ରିପୁରାରୀ ପ୍ରଧାନ ଅଂଶଗ୍ରହଣ କରି ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ପରାମର୍ଶ ଦେଇଥିଲେ। ଟିକନ ପ୍ରଧାନ, ବିପିନି ପ୍ରଧାନ, ଟୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବଜ୍ରକୋଟ ସେବା ସମବାୟ ସମିତି ନିର୍ବାଚନ ପାଇଁ ଧ୍ରୁବ ଧୀରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୬ ତାରିଖରେ ଧାର୍ଯ୍ୟ ନିର୍ବାଚନକୁ ନେଇ ଅନ୍ୟାନ୍ୟ ସମବାୟ ସମିତିରେ ମଧ୍ୟ ବୈଠକ କରାଯିବ ବୋଲି ସୂଚନା ମିଳିଛି।



ବୈଠକରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାମାନେ।

# ୮୪ ୟୁନିଟ୍ ରକ୍ତ ସଂଗ୍ରହ

ତାଳଚେର,୨୯।୫(ନି.ପ୍ର)

ତାଳଚେର ଲିଙ୍ଗରାଜ କୋଇଲା କ୍ଷେତ୍ରସ୍ଥିତ ମଙ୍ଗଳମ୍‌ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ କ୍ଷେତ୍ର ଜିଏମ୍ ଅଜୟ କୁମାର ଦେହୁରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଶାକିରଣ ମହିଳା ମଣ୍ଡଳର ବି.ଏମ୍.ଏସ୍.ର ଏରିଆ ଓ ପ୍ରକଳ୍ପ କ୍ଷେତ୍ର ସଭାପତି ଏବଂ ସମ୍ପାଦକମାନେ ଶିବିରରେ ଯୋଗଦେଇଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଓଡ଼ିଶା ବ୍ଲଡ୍ ବ୍ୟାଙ୍କ ତାଳଚେରର ଅଫିସର ଡ. କୃତ୍ତିବାସ ସୁବୁଦ୍ଧିଙ୍କ ନେତୃତ୍ୱରେ ମୋଟ୍ ୮୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ଲିଙ୍ଗରାଜ କ୍ଷେତ୍ର ପକ୍ଷରୁ ରକ୍ତ ଭଣ୍ଡାରର ସଂଯୋଜକ ଓ ସମସ୍ତ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଜୁନ ୧ରୁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ

ତାଳଚେର,୨୯।୫(ନି.ପ୍ର.)

#### ଏମ୍‌ସିଏଲ୍ ସହ ବୈଠକ ବିଫଳ

ତାଳଚେର ସରକାରୀ ମେଡିକାଲ କଲେଜ ପରିଚାଳନା ନେଇ ରାଜ୍ୟ ସରକାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରୁ ନ ଥିବାରୁ ପୂର୍ବ ଘୋଷଣା ଅନୁଯାୟୀ ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୁନ ୧ ତାରିଖଠାରୁ ତାଳଚେରରେ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ। ଶନିବାର ଏମ୍‌ସିଏଲ୍ ସହ ହୋଇଥିବା ବୈଠକ ବିଫଳ ହେବା ପରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଏ ନେଇ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ତାଳଚେର ମେଡିକାଲ କଲେଜ ପରିଚାଳନା କରିବାକୁ ସରକାର ଘୋଷଣା କରିସାରିଛନ୍ତି। ହେଲେ ଏ ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଆସନ୍ତା ୩୧ ତାରିଖ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରା ନ ଗଲେ ଜୁନ୍ ୧ରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବରୁ ଦାବିପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଏ ନେଇ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ବୈଠକ ବସିଥିଲା। ଏଥିରେ ଏମ୍‌ସିଏଲ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ରାମଲାଲ ଖଡିଂ, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ଚିଫ୍ ପର୍ସନାଲ ମ୍ୟାନେଜର ଦୁର୍ଗାପ୍ରସାଦ ସାମଲ, ପର୍ସନାଲ ମ୍ୟାନେଜର ବିରଞ୍ଚି ନାରାୟଣ ଦାସ, କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରମିକ ନେତା ମନୋଜ ପ୍ରଧାନ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ, ଭୂପେନ ଥମ୍ବ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କଲେଜ ପରିଚାଳନା ପାଇଁ ରାଜ୍ୟ ସରକାର ମାଗିଥିବା ଆବଶ୍ୟକ ଅର୍ଥ ଓ ଅନ୍ୟାନ୍ୟ ସୁବିଧା କୋଇଲା ଖଣି କର୍ତ୍ତୃପକ୍ଷ ଯୋଗାଇ ଦେବା ପାଇଁ ସମ୍ମତି ପ୍ରକାଶ କରିଥିବାରୁ ଆନ୍ଦୋଳନ ନ କରିବା ପାଇଁ ଖଣି କର୍ତ୍ତୃପକ୍ଷ କ୍ରିୟାନୁଷ୍ଠାନ କମିଟିକୁ ଅନୁରୋଧ କରିଥିଲେ। ହେଲେ ସରକାର କାହିଁକି ବିଜ୍ଞପ୍ତି ପ୍ରକାଶ କରୁନାହାନ୍ତି ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଦୀର୍ଘ ୪ ବର୍ଷ ହେବ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହା କେବେଠାରୁ କାର୍ଯ୍ୟକ୍ଷମ ହେବ ସେ ନେଇ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ସରକାର ତାଳଚେରବାସୀଙ୍କୁ ଦିଅନ୍ତୁ ବୋଲି କହି କମିଟି କର୍ମକର୍ତ୍ତାମାନେ ବୈଠକରୁ ଉଠି ଆସିଥିଲେ।



ବୈଠକରେ ଏମ୍‌ସିଏଲ୍‌ର ଅଧିକାରୀମାନଙ୍କ ସହ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### କୃଷକଙ୍କ ସମସ୍ୟା ନେଇ ଆଲୋଚନା



**ମାଧପୁର,୨୯।୫:** ଆଠମଲ୍ଲିକ ବ୍ଲକ ମାନଯୋର ସେଚ ପ୍ରକଳ୍ପ ବଙ୍ଗଳାଠାରେ ରବିବାର ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ତରଫରୁ ସଂଘ ସଭାପତି ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ସଂଘ ପୂର୍ବପରି କେମିତି ସକ୍ରିୟ ହୋଇପାରିବ, ଗାଁ ଗାଁରେ ପହଞ୍ଚି କୃଷକଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କରିପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ଏହାସହ ସେବା ସମବାୟ ସମିତି ଗୁଡିକରେ ସାର, ବିହନ ଆଦି ମହଜୁଦ ନ ରହିବା, ମାନଯୋର ପ୍ରକଳ୍ପର କେନାଲ କାମ ସମ୍ପୂର୍ଣ୍ଣ ନ ହେବା, ଉପଖଣ୍ଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଏବଂ ଅନ୍ୟ ଡାକ୍ତର ନିଯୁକ୍ତି ନ ହେବା ସମ୍ପର୍କରେ ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆନ୍ଦୋଳନ କରାଯିବାକୁ ମତପ୍ରକାଶ ପାଇଥିଲା। ଏହାବ୍ୟତୀତ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମାଧପୁରରେ +୨ କଲେଜ ପ୍ରତିଷ୍ଠା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଡିଗ୍ରୀ କଲେଜ ସ୍ଥାପନ ହୋଇ ନ ଥିବାରୁ ସଂଘ ତରଫରୁ ଲୋକଙ୍କ ମତ ସଂଗ୍ରହ ସହିତ କଲେଜ ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ, ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ, ଅବସରପ୍ରାପ୍ତ ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ, ସଂଘ ସମ୍ପାଦକ ଯତୀନ୍ଦ୍ର ପ୍ରଧାନ, ସହ ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ମକୁନ୍ଦ ପ୍ରଧାନ, ଘାସିନାଥ ବିଶ୍ୱାଳ, ଅନଙ୍ଗ ଚାଉଳିଆ, ଯୋଗେଶ୍ୱର ପ୍ରଧାନ, ପ୍ରଦୀପ ଚାଉଳିଆ ପ୍ରମୁଖଙ୍କ ସହିତ ଅନ୍ୟକୃଷକମାନେ ଉପସ୍ଥିତ ଥିଲେ।

### ଦିନକରେ ୨୦ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ



ସଦର ପୋଲିସ ଜଣେ ଅଭିଯୋଗକାରୀଙ୍କୁ ଉଦ୍ଧାର ମୋବାଇଲ ପ୍ରଦାନ କରୁଛି।

**ଅନୁଗୋଳ ଅଫିସ,୨୯।୫:** ଅନୁଗୋଳ ଜିଲା ପୋଲିସ ଗୋଟିଏ ଦିନରେ ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କଠାରୁ ମିଳିଥିବା ବିଭିନ୍ନ ଚୋରା ସାମଗ୍ରୀ ଜବତ କରିଥିବା ଜିଲା ପୋଲିସ ମୁଖ୍ୟାଳୟରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୮ଟି ମୋବାଇଲ, ଗୋଟିଏ ମୋଟରସାଇକେଲ, ଫ୍ୟାନ, ଖୁଲୁ ପମ୍ପ ଆଦି ରହିଛି। ଅନୁଗୋଳ ସଦର ଥାନା ପୋଲିସ ଗୋଟିଏ ମୋବାଇଲ ଫୋନ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ଅନୁଗୋଳ ଥାନା ପୋଲିସ ୨ ମୋବାଇଲ ଜବତ ସହ ୩ ଜଣଙ୍କୁ ଗିରଫ କରିଛି। ବିକ୍ରମପୁର ପୋଲିସ ୨ ମୋବାଇଲ ଜବତ କରିବା ସହ ୩ ଜଣଙ୍କୁ, ପାଲଲହଡା ପୋଲିସ ଏକ ଚୋରି ମାମଲାରେ କିଛି ସାମଗ୍ରୀ ଜବତ କରିବା ସହ ୨ ଜଣଙ୍କୁ, ବଣ୍ଟାଁପାଳ ପୋଲିସ ୨ ମୋବାଇଲ ଜବତ ସହ ୫ ଜଣଙ୍କୁ, ସଦର ପୋଲିସ ଚୋରା ଗାଡି ଜବତ ସହ ୪ ଜଣଙ୍କୁ ଓ ତାଳଚେର ପୋଲିସ ଗୋଟିଏ ମୋବାଇଲ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ସୂଚନା ପ୍ରଦାନ କରାଯାଇଛି।

### ନାବାଳିକା ନିଖୋଜ ଅଭିଯୋଗ

**ବଇଣ୍ଡା,୨୯।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୩୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକା ଶନିବାରଠାରୁ ଘରୁ ବାହାରକୁ ଆସି ଆଉ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନା ରେ ଅଭିଯୋଗ କରିଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର କାମିନୀ କାନ୍ଧିଆଙ୍କୁ ସେହି ଗ୍ରାମର ସପନେଶ୍ୱର କାନ୍ଧିଆ ମାଡ଼ ମାରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କାମିନୀଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୧୩୫/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି କାମିନୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## ଦୃଷ୍ଟି ଆକର୍ଷଣ କରୁଛି ମଧୁବନୀ ଚିତ୍ରକଳା

**ଢେଙ୍କାନାଳ ଅଫିସ,୨୯।୫**



ଆଇଆଇଏମ୍‌ସି କାନ୍ଥରେ ଆଧୁନିକ ଚିତ୍ରକଳା ଅଙ୍କନ କରାଯାଉଛି।

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ପ୍ରାଚୀର ଚିତ୍ର ଆକର୍ଷଣୀୟ ହୋଇଥିବା ବେଳେ ମଧୁବନୀ ଚିତ୍ରକଳା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଛାତ୍ରୀଛାତ୍ର, ଅଧ୍ୟାପକମାନେ ଚିତ୍ରକଳାକୁ ଉପଭୋଗ କରୁଛନ୍ତି। ହରିଣ, ହାତୀ, ଚଢେଇ, ଗଛଲତା ଆଦିର ସୁନ୍ଦର ରୂପରେଖ ତିଆରି ହେଉଛି। ବୈଷୟିକ ସଂଯୋଜକ ତଥା ଚିତ୍ରକର ବଦ୍ରିନାଥ ଜେନାଙ୍କ ନେତୃତ୍ୱରେ ଛାତ୍ରୀ ପ୍ରୀତିନନ୍ଦା ବେହେରା, କାବ୍ୟା ନାୟାର, ଶୁଭଲକ୍ଷ୍ମୀ ଓଝା, ରୂପାଲି ଚୌଧୁରୀ, ଛାତ୍ର ପ୍ରଶାନ୍ତ କୁମାର, ଇଜାଜ୍ ଖାନ୍, ରଜତ ଖର୍ଗୱାଲ ଏହି ଚିତ୍ରକଳା ଅଙ୍କନ କରିଛନ୍ତି। ଗତ ୨୪ ତାରିଖରେ ସଂସ୍ଥାନକୁ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଆସିଥିବା ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ପ୍ରାରମ୍ଭିକ ରଙ୍ଗମାରି ଆଧୁନିକ ଚିତ୍ରକଳା ଅଙ୍କନର ଶୁଭାରମ୍ଭ କରିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀଙ୍କ ପରିକଳ୍ପନାରେ ଏହାର ପ୍ରାକୃତିକ ପରିବେଶ ସବୁଜିମା ଓ ଆକର୍ଷଣୀୟ ହୋଇଉଠିଛି। ପୂର୍ବାଞ୍ଚଳର ଏହି କ୍ୟାମ୍ପସକୁ କଳା ଓ ସଂସ୍କୃତିର ଛାପ ଦିଆଯାଇଛି। ଆଦିବାସୀ ଚିତ୍ରକଳା, ମଧୁବନୀ ଓ ମଣ୍ଡଳ ଆର୍ଟ ପରେ ଏବେ ଆଧୁନିକ ଚିତ୍ରକଳାରେ ସଂସ୍ଥାନର କାନ୍ଥ ଝଲସି ଉଠୁଛି। ପାଠପଢ଼ା ସହ ଛାତ୍ରୀଛାତ୍ରଙ୍କୁ କଳା ସଂସ୍କୃତି ପ୍ରତି ଆକୃଷ୍ଟ କରିବାରେ ଏହା ସହାୟକ ହୋଇଛି। ବିଭିନ୍ନ ରାଜ୍ୟରୁ ଆସୁଥିବା ଛାତ୍ରୀଛାତ୍ର ଚିତ୍ରକଳା ସହ ନିଜକୁ ସମ୍ପୃକ୍ତ କରି ଆନନ୍ଦିତ ହେଉଛନ୍ତି।

**ଆଇଆଇଏମ୍‌ସି କାନ୍ଥରେ ଆଧୁନିକ ଚିତ୍ରକଳାର ଛାପ**

## ନିଆଁ ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ



**ଅନୁଗୋଳ ଅଫିସ,୨୯।୫**

ଅନୁଗୋଳ ସଦର ଥାନା ଅନ୍ତର୍ଗତ ଆଙ୍କୁଲା (ତଇଳା ସାହି) ନିକଟରେ ରବିବାର ଘଟିଥିବା ଅଗ୍ନିକାଣ୍ଡକୁ ଅଗ୍ନିଶମ କର୍ମଚାରୀମାନେ ଆୟତ୍ତ କରିଛନ୍ତି। ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଙ୍କୁଲାର ଚୈତନ୍ୟ ସାହୁଙ୍କ ବାଉଁଶ ବୁଦାରେ କେହି ନିଆଁ ଲଗାଇ ଦେଇଥିବା ନେଇ ଅଗ୍ନିଶମ ଅଫିସକୁ ସୂଚନା ମିଳିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ କେତେ କ୍ଷୟକ୍ଷତି ଘଟିଛି ତାହାର ଆକଳନ କରାଯାଉଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ସ୍ୱଚ୍ଛତା ସଚେତନତା ଶିବିର

**ଭୁବନ,୨୯।୫(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆଁ(ଖ) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆର୍‌ସିଏମ୍ ପକ୍ଷରୁ ରବିବାର ମହିଳାମାନଙ୍କ ସ୍ୱଚ୍ଛତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷୟିତ୍ରୀ ଗାୟତ୍ରୀ ବିଶ୍ୱାଳ ଯୋଗଦେଇ ମହିଳା ଓ କିଶୋରୀମାନେ ଋତୁସ୍ରାବ ସମୟରେ କିପରି ସ୍ୱଚ୍ଛତା ପାଳନ କରିପାରିବେ ସେ ସମ୍ପର୍କରେ ଉପସ୍ଥିତ ମହିଳା ଓ ବାଳିକାମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବୀଣାପାଣି ସାହୁ, ସମିତି ସଭ୍ୟା ଝୁନୁବାଳା ଦାସ ଯୋଗ ଦେଇଥିଲେ। ଆର୍‌ସିଏମ୍ ପରିବାର ପକ୍ଷରୁ ଶ୍ରୀପ୍ରିୟ ଶତପଥୀ, ପ୍ରେମାନନ୍ଦ ସାହୁ ଓ ସ୍ଥାନୀୟ ଆର୍‌ସିଏମ୍ ଲିଡର ସୌମ୍ୟ ରଞ୍ଜନ ଧୀର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଯୋଗ ଦେଇଥିବା ସମସ୍ତ ମହିଳା ଓ କିଶୋରୀଙ୍କୁ ଆର୍‌ସିଏମ୍ ପକ୍ଷରୁ ନାପକିନ୍ ବଣ୍ଟନ କରାଯାଇଥିଲା।



ଶିବିରରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

## ସଞ୍ଜୟ କଲୋନୀରେ ଛତା ବଣ୍ଟନ




ସଞ୍ଜୟ କଲୋନୀରେ ଛତା ବଣ୍ଟନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୯।୫**

ଢେଙ୍କାନାଳ ପୌରାଞ୍ଚଳର ୨୧ନଂ. ୱାର୍ଡ ସଞ୍ଜୟ କଲୋନୀଠାରେ ଶନିବାର ଶ୍ରେୟା ଅନୁଷ୍ଠାନ ପକ୍ଷରୁ ଅଞ୍ଚଳବାସୀଙ୍କୁ ଛତା ବଣ୍ଟନ କରାଯାଇଛି। ପ୍ରବଳ ଖରା ଓ ଆଗକୁ ବର୍ଷା ଆସିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଏହି କଲୋନୀରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଶ୍ରେୟା ଚେସ୍ ଏକାଡେମୀର ନିର୍ଦ୍ଦେଶିକା ସାଗରିକା ମିଶ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛତା ବଣ୍ଟନ କରିଥିଲେ। ଉପସଭାପତି ବନ୍ଦନା ପଣ୍ଡା, କୋଷାଧ୍ୟକ୍ଷ ସ୍ୱର୍ଣ୍ଣଲତା ଦାସ, ସମ୍ପାଦକ ଜ୍ୟୋତି ରଞ୍ଜନ ମହାରଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଞ୍ଜୟ କଲୋନୀ ପକ୍ଷରୁ ଲବଣୀ ଭୁକ୍ତା, ଅଯୋଧ୍ୟା ବେହେରା, ପ୍ରହ୍ଲାଦ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜଳିଗଲା ୩ ବଖରା

**କାମାକ୍ଷାନଗର,୨୯।୫(ଡି.ଏନ.ଏ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମ ନୂଆସାହିରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଶିଶିର ବେହେରାଙ୍କ ୩ ବଖରା ଜଳିଯାଇଛି। ଏଥିସହିତ ଗୋଟିଏ ସ୍କୁଟି, ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଶିଶିରଙ୍କ ପରିବାର ଲୋକ ଶୋଇଥିବାବେଳେ ବିଳମ୍ବିତ ରାତିରେ ଘରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଜୀବନ ବଞ୍ଚାଇ ଘରୁ ବାହାରି ଆସିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ୩ ବଖରା ସମ୍ପୂର୍ଣ୍ଣ ଜଳିସାରିଥିଲା। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡି ନାହିଁ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ସମର ଫିଏଷ୍ଟାରେ ୮୦୦ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ,୨୯।୫**

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପରିସରରେ ସମର ଫିଏଷ୍ଟା–୨୦୨୨ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁ ସମର ଫିଏଷ୍ଟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିବସରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଏରୋବିକ, ଚେସ୍, ଜୁଡୋ କରାଟେ, ଟେବୁଲ ଟେନିସ, ସ୍କେଟିଂ ଓ ଯୋଗ ଶିକ୍ଷା ଆଦି କାର୍ଯ୍ୟକ୍ରମ ଚାଲୁରହିଛି। ଡିପିଏସ୍ ସହିତ ଢେଙ୍କାନାଳ ସହରର ଜାଭିୟର୍ସ, ମଣ୍ଟଫୋର୍ଟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦିରୁ ପ୍ରାୟ ୮୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରମ୍ୟାନ ବିନୋଦ ଦାଶଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଡିପିଏସ୍‌ରେ ସମର ଫିଏଷ୍ଟା ଅବସରେ ଯୋଗ ଶିକ୍ଷା ଦିଆଯାଉଛି।

## ମାଛ ଭାଗବଣ୍ଟାକୁ ନେଇ ଅସନ୍ତୋଷ

**ଛେଣ୍ଡିପଦା,୨୯।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା କୋରଡା ଗ୍ରାମରେ ବଡ଼ବନ୍ଧ ପୋଖରୀ ମାଛ ଭାଗବଣ୍ଟାକୁ କେନ୍ଦ୍ରକରି ରବିବାର ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫଳରେ ବଡବନ୍ଧ ପୋଖରୀ କୂଳରେ ୫୦ କିଲୋରୁ ଉର୍ଦ୍ଧ୍ୱ ମାଛ ପଡ଼ି ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କୋରଡା ଗ୍ରାମ ସଭାପତି ମିତ୍ରଭାନୁ ପ୍ରଧାନଙ୍କ ନେତୃତ୍ୱରେ ବଡ଼ବନ୍ଧ ପୋଖରୀରୁ ମାଛ ମରାଯାଇଥିଲା। ପରେ ଗ୍ରାମରେ ଥିବା ୫ଟି ସାହିର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ୬୨୦ ପରିବାର ପାଇଁ ଲୋକସଂଖ୍ୟା ଅନୁଯାୟୀ ଭାଗ କରାଯିବା ସହିତ ଭଦ୍ରବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ମାଛ ଦିଆଯାଇଥିଲା। ତେବେ ଗୋଚ୍ଛାୟତ ପଡାକୁ ଛୋଟ ମାଛ ଦିଆଯାଇଥିବା ଅଭିଯୋଗ ଉଠିଥିଲା। ଗୋଚ୍ଛାୟତପଡାରୁ ଆସିଥିବା ଭଦ୍ର ବ୍ୟକ୍ତିମାନେ ମାଛ ନ ନେଇ ସେଠାରେ ଢାଳି ଦେଇଥିଲେ। ଏହାକୁ ନେଇ ଗ୍ରାମ ସଭାପତି ଓ ଗୋଚ୍ଛାୟତ ସାହି ଭଦ୍ର ବ୍ୟକ୍ତିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ସୃଷ୍ଟିହୋଇଥିଲା। ଗୋଚ୍ଛାୟତ ପଡା ଓ ହରିଜନ ସାହିର ଲୋକମାନେ ମାଛ ଭାଗ ନ ନେବାରୁ ବଡବନ୍ଧ ହୁଡାରେ ପ୍ରାୟ ୫୦ କିଲୋରୁ ଅଧିକ ମାଛ ଖବର ଲେଖାହେବା ସୁଦ୍ଧା ପଡିରହିଛି। ଏ ନେଇ ଗୋଚ୍ଛାୟତପଡା ବାସିନ୍ଦା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜରପଡା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି, ଗୋଚ୍ଛାୟତପଡା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଚାଲିଛି। ଏ ନେଇ କୌଣସି ମାମଲା ରୁଜୁ ହୋଇ ନାହିଁ। ଗ୍ରାମ ସଭାପତି ମିତ୍ରଭାନୁ ପ୍ରଧାନ କହିଛନ୍ତି, ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଗୋଚ୍ଛାୟତପଡ଼ା ବାସିନ୍ଦାଙ୍କୁ ବୁଝାଯିବା ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସେମାନେ ସହଯୋଗ ନ କରି ଥାନାରେ ଅଭିଯୋଗ କରିଛନ୍ତି।



ପୋଖରୀରୁ ମାଛ ମରାଯାଉଛି।

**ପୋଖରୀ କୂଳରେ ପଡ଼ିରହିଲା ୫୦ କିଲୋ ମାଛ**

## ସ୍ମାର୍ଟ ଶ୍ରେଣୀ ଗୃହ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୯।୫**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ଶନିବାର ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଡ. ଜୀବନଜ୍ୟୋତି ରଥ ମାସିକ ପରିଦର୍ଶନ ଯାଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଶ୍ରେଣୀଗୃହରେ ଡିଜିଟାଲ ମାଧ୍ୟମରେ ଅନ୍ତେବାସୀ ଶିକ୍ଷା ଲାଭ କରିପାରିବେ। ଏହି ଅବସରରେ ମୁଖ୍ୟ ଅତିଥି ଅନ୍ତେବାସୀଙ୍କ ସହ ଗଣିତ, ଭୂଗୋଳ, ଇଂଲିଶ, ବିଜ୍ଞାନ ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ମହାଦେବଙ୍କ ବିବାହ ତଥା ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି।

## ଫଟୋରେ ଖବର



କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଲୋଧାଝରି ଗ୍ରାମର ଏକ ଆମ୍ବ ଗଛରେ ଅଦିନିଆ ବଉଳ।

## ଶିକ୍ଷା ସମସ୍ୟାର ସମାଧାନକୁ ଅଗ୍ରାଧିକାର

**ଢେଙ୍କାନାଳ ଅଫିସ,୨୯।୫**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀଠାରେ ରବିବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଁଦିଆ ବ୍ଲକର ବହୁ ପଞ୍ଚାୟତରୁ ଜନସାଧାରଣ ଏହି ଶିବିରରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପ୍ରକାଶ ଯେ, ବ୍ଲକର ବିଭିନ୍ନ ଦୂରାନ୍ତ ଅଞ୍ଚଳରୁ ନିଜ ସମସ୍ୟା ଜଣାଇବାକୁ ଲୋକମାନେ ଖର୍ଚ୍ଚାନ୍ତ ହୋଇ ଏମ୍‌ପିଙ୍କ ଆବାସିକ କାର୍ଯ୍ୟାଳୟକୁ ଆସୁଥିଲେ। ଏହାକୁ ଉପଲବ୍ଧି କରି ଏମ୍‌ପି ଜନତାଙ୍କ ପାଖରେ ପହଞ୍ଚିବା ପାଇଁ ଷଡଙ୍ଗୀସ୍ଥିତ ପୂର୍ବତନ ଜିଲା ପରିଷଦ ଉପ ସଭାପତି କୋଦଣ୍ଡଧର ସାହୁଙ୍କ ବଗିଚାରେ ଏହି ଅଭିଯୋଗ ଶୁଣାଣି ଶିବିର କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣ ପାନୀୟ ଜଳ, ରାସ୍ତା ଓ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଆଦି ନେଇ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସହଯୋଗ କରିବେ ବୋଲି ଏମ୍‌ପି କହିଥିଲେ। ଏହି ଶିବିରରେ ପୂର୍ବତନ ଜିଲା ପରିଷଦ ଉପ ସଭାପତି କୋଦଣ୍ଡଧର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଏମ୍‌ପିଙ୍କ ଗଁଦିଆ ବ୍ଲକ ପ୍ରତିନିଧି ସୁଧାଂଶୁ ଶେଖର ରାଉତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତାପସ କୁମାର ସାହୁ, ମଠତେନ୍ତୁଳିଆ ସରପଞ୍ଚ ମାନଭଞ୍ଜନ ମହାନ୍ତି, ମହେନ୍ଦ୍ର ପୃଷ୍ଟି, ବରିଷ୍ଠ ନେତା ବେଣୁଧର ପାତ୍ର, ଦୀପକ ପାତ୍ର, ନୀଳମଣି ସାହୁ ପ୍ରମୁଖଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ରହି ସ୍ଥାନୀୟ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ଜୁନ ୧୨ ତାରିଖରେ ଗଁଦିଆ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଏମ୍‌ପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।



ଜନଶୁଣାଣି ଶିବିରରେ ଏମ୍‌ପି ମହେଶ ସାହୁଙ୍କ ସହ ଅନ୍ୟମାନେ।

**ଏମ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର**

